# Akashvani, Sambalpur

# SAMBALPURI NEWS BULLETIN

## 8 February 2025- 6.47- 6.52 am.

***********************************************

ସୁଭଦ୍ରା		I&PR

ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଆଏଜ୍ ହିତାଧିକାରୀମାନଙ୍କୁ ଦିଆଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯାଜ୍‌ପୁର୍ ଜିଲ୍ଲା ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଜରିଏ ସାହାଜ୍ ଟଙ୍କା ବାଂଟବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଇ ଖେପେ ୧୮ ଲାଖ୍‌ନୁ ଅଏତ୍‌କା ହିତାଧିକାରୀଙ୍କର୍ ବେଙ୍କ୍ ଖାତାକେ ଟଙ୍କା ହସ୍ତାନ୍ତର୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍----ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା)

କେନ୍ଦ୍ର କ୍ୟାବିନେଟ୍ ବୈଠକ୍		ପିଆଇବି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅଧ୍ୟକ୍ଷତାରେ ଗଲାକାଏଲ୍ ହେଇଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକ୍ରେ ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମ୍କେ ୨୦୨୬ ମସିହା ତକ୍ ଜାରି ରଖିବାର୍ ଆର୍ ପୁନର୍ଗଠନ୍ କର୍ବାର୍ ପ୍ରସ୍ତାବ୍ବେ ଅନୁମୋଦନ୍ କରାଯାଇଛେ । କାର୍ଯ୍ୟକ୍ରମ୍ରେ ୮ ହଜାର ୮ ଶହ କୋଟି ଟଙ୍କା ଖର୍ଚ୍ଚା କରାଯିବା ଲକ୍ଷ୍ୟ ରଖାଯାଇଛେ ବଲି ବୈଠକ୍ରେ କୁହାଯାଇଛେ । ସେନ୍ତା ଜାତୀୟ ସଫେଇ କର୍ମଚାରୀ ଆୟୋଗ୍ର କାର୍ଯ୍ୟକାଲ୍କେ ଆଏବା ମାର୍ଚ୍ଚ ୩୧ ତାରିଖ୍ଠାନୁ ଅଏତ୍କା ତିନ୍ ବଛର୍ ବଢ଼ାବାର୍କେ ଅନୁମୋଦନ୍ କରାଯାଇଛେ । ଇଥିର୍ ଲାଗି ସରକାରଙ୍କ ଉପ୍ରେ ୫୦ କୋଟି ୯୧ ଲାଖ୍ ଟଙ୍କାର୍ ଅଏତ୍କା ବୋଝ୍ ପଡ଼ବା ବଲି ଜନାପଡ଼ିଛେ ।

ରାଜ୍ୟ କେବିନେଟ୍        ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ଗଲାକାଏଲ୍ ରାଜ୍ୟ କେବିନେଟ୍ର ଗୁଟେ ବୈଠକ୍ ବସିଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାରେ ବୈଠକ୍ ନ ବହୁତ୍ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍କେ ମଞ୍ଜୁରୀ ମିଲିଛେ । ଖାସ୍ କରି ଆଏବା ୧୩ ତାରିଖ୍ନୁ ବିଧାନ୍ସଭା ବଜେଟ୍ ଅଧିବେଶନ୍ ମୁଲ୍ ହେବାର୍କେ

ଯାଉଥିବାର୍‌ନୁ ୨୦୨୫-୨୬ ଆର୍ଥିକ୍ ବଛରର୍ ବଜେଟ୍ ସହେତେ ବିଧାନ୍‌ସଭାନୁ ଉପସ୍ଥାପନ୍ ହେବାର୍‌କେ ଥିବା ଭିନ୍ ଭିନ୍ ବିଲ୍‌କେ କେବିନେଟ୍ ବୈଠକ୍ ନ ଉପସ୍ଥାପନ୍ କରାଯାଇଥିବାର ଜନାପଡ଼ିଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ସଖାଲ୍‌ବେଲା ଲୋକ ସେବା ଭବନ୍‌ଠାନେ ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଦେବେ ବଲି ସୂଚ୍‌ନା ଆଉ ଲୋକ ସମ୍ପର୍କ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ୱେଭ୍‌ସ ସମ୍ମିଲନୀ   ଆର୍‌ଏନ୍‌ୟୁ/ସମ୍ବଲପୁର/ଏକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ଅଡିଓ ଭିଜୁଆଲ୍ ଏଂଟରଟେନ୍‌ମେଂଟ୍ ସମ୍ମିଲନୀ-ୱେଭ୍‌ସ୍‌କେ ନେଇକରି ଇତାର୍ ଉପଦେଷ୍ଟା ବୋର୍ଡ ସଙ୍ଗେ ଆଭାସୀ ଜରିଏ ଆଲୋଚନା କରିଛନ୍ । ଉପଦେଷ୍ଟା ବୋର୍ଡ଼ିଥି ଦେଶ୍ ବିଦେଶର୍ ବହୁତ୍ ନାଁକରା କଲାକାର୍ ଆର୍ ଭିନ୍ ଭିନ୍ ବର୍ଗର୍ ସିଆନ୍ ସୁଜନ୍ ରହିଛନ୍ । ସମ୍ମଲନୀର୍ ଆୟୋଜନ୍ ଲାଗି ବୋର୍ଡର ସଦସ୍ୟମାନେ ବହୁତ୍ ମୂଲ୍ୟବାନ୍ ଉପଦେଶ୍ ଦେଇଛନ୍ ବଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ପରୀକ୍ଷା ପେ ଚର୍ଚ୍ଚା        ପି.ଆଇ.ବି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା ୧୦ ତାରିଖ୍ ଦିନର୍ ୧୧ ବଜେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଦେଶର ଭିନ୍ ଭିନ୍ ଅଂଚଲ୍‌ର ୩୬ ଝନ୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ ସିଧାସଲଖ୍ ବିଚାର୍ ବିନିମୟ କର୍‌ବେ । ପ୍ରଧାନମନ୍ତ୍ରୀ ଇ ଅବ୍‌ସରେ ଛାତ୍ରଛାତ୍ରୀ, ଅଭିଭାବକ୍ ଆର୍ ଶିକ୍ଷକ୍‌ମାନଙ୍କର୍ ସାଙ୍ଗେ ଆଲୋଚନା କରି କରି ପରୀକ୍ଷାର୍ ପ୍ରସ୍ତୁତି, ଚାପ ନିୟନ୍ତ୍ରଣ ଆର୍ ବ୍ୟକ୍ତିଗତ୍ ବିକାଶକେ ନେଇକରି ମାର୍ଗଦର୍ଶନ୍ ଦେବେ । ଇଥର ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଗୁଟେ ନୂଆଁ ରୂପ୍‌ଥି ଆସୁଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ଭିନ୍ ଭିନ୍ କ୍ଷେତ୍ରର ବିଶେଷଜ୍ଞମାନେ ଭିଲ୍ ଛାତ୍ରଛାତ୍ରୀମାନ୍‌କର୍ ମାର୍ଗଦର୍ଶନ୍ କର୍‌ବେ । କାର୍ଯ୍ୟକ୍ରମ୍‌କେ ନେଇକରି ପ୍ରଧାନ୍‌ମନ୍ତ୍ରୀ ଗୁଟେ ଭିଡ଼ିଓ ଜାରି କରିଛନ୍ । ଇଥି ପ୍ରଧାନ୍‌ମନ୍ତ୍ରୀ ଦିଲ୍ଲୀର୍ ସୁନ୍ଦର୍ ନର୍ସରୀ ଠାନେ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ବିଚାର୍ ବିନିମୟ କରୁଛନ୍ ।

ଇ ବଛର୍ ପ୍ରଧାନମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚାର୍ ୮ ନମ୍ବର୍ ଖେପ୍ ହେବା ଆର୍ ଇଟା ୮ଟା ଏପିସୋଡ୍‌ଥି ହେବା । ଆଲୋଚନାର୍ ସିଧା ପ୍ରସାରଣ୍ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ ୟୁଟ୍ୟୁବ୍ ଚ୍ୟାନେଲ୍ ଶିକ୍ଷା ମନ୍ତ୍ରଣାଳୟ ଆର୍ ସୂଚନା

ଆର୍ ପ୍ରସାରଣ ମନ୍ତ୍ରଣାଳୟର୍ ସୋସିଆଲ୍ ମିଡିଆ ଚ୍ୟାନେଲ୍‌ଥି ହେବା ।

ଦିଲ୍ଲୀ ଭୋଟ୍ ଗନ୍‌ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଦିଲ୍ଲୀର ୭୦ଟା ବିଧାନ ସଭାଆସନ୍ ଲାଗି ହେଇଥିବା ଭୋଟ୍‌ର ଗନ୍‌ତି ଆଏଜ୍ ସଖାଲର୍ ୭ ବଜେନୁ ମୁଲ୍ ହେବା । ସରକାରଙ୍କର୍ ନିର୍ବାଚନ କମିଶନ୍‌ଙ୍କର୍ ୱେବ୍‌ସାଇଟ୍‌ଥି ଫଲାଫଲ୍ ଅପ୍‌ଲୋଡ୍ କରାଯିବା । ଇନଜନେଇ ଦିଆଯାଇପାରେ ଯେ, ଗଲା ୫ ଦିନ ଦିଲ୍ଲୀନ ବିଧାନସଭା ନିର୍ବାଚନ୍ ହେଇଥିଲା ଆଉ ମତଦାନ ହାର ୬୦ ଦଶମିକ ୫/୪ ପ୍ରତିଶତ ରହିଥିଲା ।

ନର୍ଲା ବିଧାନସଭା ମଣ୍ଡଲୀର ବିକାଶ କମିଟି ବୈଠକ କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଭାଗୃହନ ଗଲାକାଏଲ୍ ନର୍ଲା ବିଧାନସଭା ମଣ୍ଡଲୀର ବିକାଶ କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ନର୍ଲା ବିଧାୟିକା ମନୋରମା ମହାନ୍ତି ଅଧ୍ୟକ୍ଷତା କରି

କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଲ୍, ସହର ଆର୍ ଗ୍ରାମ୍ୟ ସ୍ୱଚ୍ଛତା ବାଗିର୍ ଭିନ୍ ଭିନ୍ ଉନ୍ନୟନମୂଲକ୍ କାମ୍‌ର ସମୀକ୍ଷା କରିଛନ୍ ।

ଖଡ଼ିଆଲ ମହୋତ୍ସବ ନୂଆପଡ଼ା ସମ୍ବାଦଦାତ

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ମହୋତ୍ସବ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଖଡ଼ିଆଲ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ମହୋତ୍ସବଥି ବହୁତ୍ ସିଆନ୍ ସୁଜନ୍ ଯୋଗ୍ ଦେଇକରି ଖଡ଼ିଆଲ କଲାର୍ ସହର୍ ଆଉ ଇ ମହୋତ୍ସବ୍ ପଶ୍ଚିମ ଓଡ଼ିଶାର ଗୁଟେ ବଡ଼ ଉତ୍ସବ ଆଏ ବଲି କହିଥିଲେ ।

ଭାରତ୍- ଇଂଲଣ୍ଡ କ୍ରିକେଟ୍ ମେଚ ଆର୍‌ଏନ୍‌ୟୁ/ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବାକାଏଲ୍ ହେବାର୍‌କେ ଥିବା ଭାରତ୍- ଇଂଲଣ୍ଡ ଦିନ୍‌କିଆ କ୍ରିକେଟ୍ ମେଚ୍ ଲାଗି ଗଲାକାଏଲ୍ ସଞ୍ଜବେଲେ ଦୁହି ଦଲ୍ ଓଡ଼ିଶା ପୁହୁଁଚିଛନ୍ । ଆଏଜ୍ ଦୁହି ଦଲ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଦୁଇଟା ଖେପେ ଅଭ୍ୟାସ୍ ମେଚ୍ ଖେଲ୍‌ବେ । ଆଏବାକାଏଲ ମଏଧାନର୍ ଦେଢ଼ ବଜେ ଦିନ୍‌କିଆ ମେଚ୍ ମୁଲ୍ ହେବା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଢୁଛେ ଦିନ୍‌ବେଲାର୍ ତାତି । ହେଲେ ରାତିର୍ ତାତି ସାମାଏନ୍ କମିଥିବାର୍‌ନୁ ଫେର୍‌ଘାଏ ଶୀତ୍ ଜନାପଡୁଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଗଲାକାଏଲ୍ ରାଏଜର୍ ୧୫ ଟା ସହରର୍ ଦିନର୍ ସବୁନୁ ଜହ ତାତି ୩୩ ଡିଗ୍ରୀ ଉପ୍‌ରେ ରହିଥିଲା । ଆଏବା ୨ / ୩ ଦିନ୍ ଭିତ୍‌ରେ ଦିନର୍ ସବୁନୁ କମ୍ ତାପମାତ୍ରା ୪ ଡିଗ୍ରୀତକ୍ କମିପାରେ । ଇତାର୍ ସହେତେ ରାଜ୍ୟର୍ କିଛିଟା ଜିଲ୍ଲାନ ଘନାକୁହୁଡ଼ି ଦେଖାଯିବା ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।